ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

News ID-IPR/Revenue & DM(OD)/228/13-05-2021

# ଲୋକଙ୍କ ପାଖରେ ରାଜସ୍ୱ ସେବା ଯୋଗାଇଦେବା ପାଇଁ ଗଡ଼ିଲା ‘ରାଜସ୍ୱ ରଥ’

ଭୁବନେଶ୍ୱର, ୧୩ ମଇ, ୨୦୨୧

ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଏବଂ ସୁବିଧାରେ ନାଗରିକମାନଙ୍କୁ ଜନସେବା ପ୍ରଦାନ ସରକାରଙ୍କ ପାଇଁ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ । ଏହି ଲକ୍ଷ୍ୟ ହାସଲ କରିବା ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ୫-‘ଟି’ କାର୍ଯ୍ୟକ୍ରମ ଅଧୀନରେ ଅନେକ ନାଗରିକ-କୈନ୍ଦ୍ରିକ ପଦକ୍ଷେପ ଗ୍ରହଣ କରିଛି ।

ସରକାରୀ କାର୍ଯ୍ୟାଳୟ ସହିତ ଜନସାଧାରଣଙ୍କ ପ୍ରତ୍ୟକ୍ଷ ଯୋଗାଯୋଗକୁ ହ୍ରାସ କରିବା ପାଇଁ ତହସିଲ କାର୍ଯ୍ୟାଳୟରେ ଦିଆଯାଉଥିବା ଦାଖଲଖାରଜ ଏବଂ ପ୍ରମାଣପତ୍ର ସେବାଗୁଡ଼ିକୁ ସଂପୂର୍ଣ୍ଣ ଭାବେ ଅନ୍‌ଲାଇନ୍‌ରେ କରାଯାଉଛି । କିନ୍ତୁ ଘରେ କୌଣସି ଇଣ୍ଟରନେଟ୍ ସୁବିଧା ନଥିବା କିମ୍ବା ଡିଜିଟାଲ୍ ସାକ୍ଷରତା ଅଭାବ ଥିବା ବ୍ୟକ୍ତିମାନେ ସହାୟତା ପାଇଁ ରାଜସ୍ୱ କାର୍ଯ୍ୟାଳୟ କିମ୍ବା ‘ମୋ ସେବା କେନ୍ଦ୍ର’ ପରିଦର୍ଶନ କରୁଛନ୍ତି । ରାଜ୍ୟରେ କୋଭିଡ୍-୧୯ ରୋଗୀଙ୍କ ସଂଖ୍ୟା ବୃଦ୍ଧି ଦୃଷ୍ଟିରୁ ତଥା ଜନସାଧାରଣ, କର୍ମଚାରୀଙ୍କ ସୁରକ୍ଷା ପାଇଁ ଓଡ଼ିଶା ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା କୋଭିଡ୍ ପରିଚାଳନା ନିର୍ଦ୍ଦେଶାବଳୀ ଅନୁଯାୟୀ ରାଜସ୍ୱ କାର୍ଯ୍ୟାଳୟରେ ଜନସାଧାରଣଙ୍କ ପ୍ରବେଶକୁ ବାରଣ କରାଯାଇଛି ।

କୋଭିଡ୍-୧୯ ମହାମାରୀ ସମୟରେ ନାଗରିକମାନଙ୍କୁ ନିରବଚ୍ଛିନ୍ନ ଭାବେ ରାଜସ୍ୱ ସେବା ଯୋଗାଇବା ପାଇଁ ଗଞ୍ଜାମ ତହସିଲ କାର୍ଯ୍ୟାଳୟ‘ରାଜସ୍ୱ ରଥ’ ମାଧ୍ୟମରେ ସେବା ପ୍ରଦାନର ଏକ ଅଭିନବ ଉପାୟ ଆରମ୍ଭ କରିଛି । ଏହାକୁ ଉତ୍ତମ ଶାସନର ଏକ ସର୍ବୋତ୍ତମ ଅଭ୍ୟାସ ଭାବେ ଗ୍ରହଣ କରି ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସଦୟ ନିର୍ଦ୍ଦେଶ ଅନୁଯାୟୀ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ବିଷ୍ଣୁପଦ ସେଠୀ ସମସ୍ତ ଜିଲ୍ଲାପାଳମାନଙ୍କୁ କୋଭିଡ୍-୧୯ ମହାମାରୀ ସମୟରେ ସେମାନଙ୍କ ଜିଲ୍ଲାରେ ‘ରାଜସ୍ୱ ରଥ’ ମାଧ୍ୟମରେ ସେବା ବିତରଣ କରିବାକୁ ପରାମର୍ଶ ଦେଇଥିଲେ ।

ଆଜି ଅନେକ ଜିଲ୍ଲାରେ ‘ରାଜସ୍ୱ ରଥ’ ମାଧ୍ୟମରେ ସେବା ପ୍ରଦାନ କାର୍ଯ୍ୟ ସଫଳତାର ସହ ଆରମ୍ଭ ହୋଇଛି । ଝାରସୁଗୁଡ଼ା ଜିଲ୍ଲାର ଲଖନପୁର ତହସିଲରେ ବାରଙ୍ଗମାଳ ଗ୍ରାମରେ ହିରାକୁଦ ବାସଚ୍ୟୁତ ଲୋକଙ୍କ ଥଇଥାନ ନିମନ୍ତେ ସର୍ବେକ୍ଷଣ ଓ ସମାଧାନ କାର୍ଯ୍ୟ ଆରମ୍ଭ କରାଯାଇଛି । ସୁନ୍ଦରଗଡ଼ ଜିଲ୍ଲାରେ ବୀରମିତ୍ରପୁର ଓ ଲାଠିକଟା ତହସିଲରେ ‘ରାଜସ୍ୱ ରଥ’ ଗଡ଼ିଥିଲା । ବୀରମିତ୍ରପୁର ତହସିଲରେ ଜଙ୍ଗଲ ଅଧିକାର ଅଧିନିୟମ ଅନୁଯାୟୀ ୧୧ ଜଣ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରାଯାଇଥିଲା । କେନ୍ଦ୍ରପଡ଼ା ଜିଲ୍ଲାର କେନ୍ଦ୍ରାପଡ଼ା ତହସିଲରେ ଏବଂ ଢେଙ୍କାନାଳ ଜିଲ୍ଲାର ଗଁନ୍ଦିଆ ତହସିଲରେ ମଧ୍ୟ ପଟ୍ଟା ବଣ୍ଟନ କରାଯାଇଥିଲା । କୋଭିଡ୍-୧୯ ମହାମାରୀ ସମୟରେ ସେବା ବିତରଣର ଏହି ଅଭିନବ ଉପାୟ ଜନସାଧାରଣଙ୍କ ଦ୍ୱାରା ବିଶେଷ ଭାବେ ଆଦୃତ ହୋଇଛି ।

ଭବାନୀ ଶଙ୍କର ଭୂୟାଁ
ସୂଚନା ଅଧିକାରୀ